ଭାରତୀୟ ଜନତା ପାର୍ଟି, ଓଡିଶା

### ରାଜ୍ୟ କାର୍ଯ୍ୟାଳୟରେ ୭୨ତମ ଗଣତନ୍ତ୍ର ଦିବସ ପାଳିତ ଅବସରରେ

# ରାଜ୍ୟର ସମସ୍ତ ଯୁବଶକ୍ତି ଏକତ୍ରିତ ହୋଇ ନୂତନ ଓଡିଶା ଗଠନ ଦିଗରେ କାର୍ଯ୍ୟ କରନ୍ତୁ: ବିଶ୍ୱଭୂଷଣ ହରିଚନ୍ଦନ

**ଭୁବନେଶ୍ୱର, ତା.୧୫/୦୮:** ୧୯୪୨ ମସିହା ଅଗଷ୍ଟ ମାସ ୯ ତାରିଖ ଦିନ ଐତିହାସିକ ଭାରତ ଛାଡ ଆନ୍ଦୋଳନ ଆରମ୍ଭ ହୋଇଥିଲା । ମହାତ୍ମା ଗାନ୍ଧୀଙ୍କ ଡାକରାରେ ଅଗଣିତ ଦେଶବାସୀ ଏହି ଆନ୍ଦୋଳନରେ ସ୍ୱତଃପ୍ରଣୋଦିତ ଭାବରେ ନିଜକୁ ସାମିଲ କରିବା ଫଳରେ କ୍ଷିପ୍ର ଗତିରେ ସମସ୍ତ ଦେଶକୁ ଏହି ଆନ୍ଦୋଳନ ବ୍ୟାପୀ ଯାଇଥିଲା । ଭୟାଭୀତ ହୋଇପଡିଥିବା ଇଂରେଜ ଶାସନ ବାଧ୍ୟ ହୋଇ ଏହି ଆନ୍ଦୋଳନର ୫ ବର୍ଷ ପରେ ଅର୍ଥାତ ୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖରେ ଭାରତକୁ ସ୍ୱାଧୀନ ଦେଶ ଭାବେ ଘୋଷଣା କରିଥିଲେ । ଆଜି ଆମେ ୭୨ତମ ସ୍ୱାଧୀନତା ଦିବସ ପାଳନ କରୁଛୁ । ମାତ୍ର ଭାରତକୁ ଏକ ବିକଶିତ ଦେଶ ଭାବେ ଗଢି ତୋଳିବାକୁ ହେଲେ ଭ୍ରଷ୍ଟାଚାର, ଆତଙ୍କବାଦ, ଦାରିଦ୍ର୍ୟ, ଜାତିବାଦ ଏବଂ ଆବର୍ଜନା ମୁକ୍ତ ଭାରତର ନିର୍ମାଣ ନିହାତି ଆବଶ୍ୟକ । ନବ ଭାରତ ଏବଂ ନୂତନ ଓଡିଶା ନିର୍ମାଣରେ ବିଶେଷ କରି ଯୁବକମାନଙ୍କ ଯୋଗଦାନ ଅତ୍ୟନ୍ତ ଆବଶ୍ୟକ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ ଦେଶର ସମସ୍ତ ଯୁବଶକ୍ତି ଏକତ୍ରିତ ହୋଇ ନୂତନ ଭାରତ ଗଠନ ଦିଗରେ କାର୍ଯ୍ୟ କରିବାକୁ ବରିଷ୍ଠ ବିଜେପି ନେତା ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଗଣତନ୍ତ୍ର ଦିବସ ପାଳନ ଅବସରରେ ଉପସ୍ଥିତ କାର୍ଯ୍ୟକର୍ତାଙ୍କ ସମେତ ସମସ୍ତ ଯୁବକମାନଙ୍କୁ ଆହ୍ୱାନ ଦେଇଛନ୍ତି ।

ଏଥି ସହ ଶ୍ରୀ ହରିଚନ୍ଦନ ଗତବର୍ଷ ପାଳନ ହୋଇଥିବା ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତିକୁ ମନେପକାଇ ମହାପୁରୁଷମାନଙ୍କ ବୀରତ୍ୱର ଗାଥାକୁ ସ୍ମରଣ କରିଥିଲେ । ଜାତୀୟ ପତାକା ଉତୋଳନ ଅବସରରେ ପରେ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ ମହାନ୍ତି ଓ ଅମିତାଭ ଚକ୍ରବର୍ତୀ, ରାଜ୍ୟସଂପାଦକ ଦିଲୀପ ମଲ୍ଲିକ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ଠାକୁର ରଂଜିତ ଦାସ, କାର୍ଯ୍ୟାଳୟ ସଂପାଦକ ଭୁବନାନନ୍ଦ ତ୍ରିପାଠୀଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**